
ଗୃହସ୍ଥ ଭାରିଜା କଳି ।

ଶ୍ରୀ ଜଗନ୍ନାଥ ରାଉଳଙ୍କ ଦ୍ୱାରା

ପ୍ରଥମବାର ପ୍ରକାଶିତ ।



{ ଗୃହସ୍ଥ ଭାରିଯା କଳି ଯେ ପଢିବ ।
ଆନନ୍ଦ ହୋଇ ସେ ଯାଉଥିବ ॥ }





ହରନାଥଷ୍ଟୋର ବାଲୁବଜାର, କଟକ ।
୧୯୨୯



ମୂଲ୍ୟ ୦ ୵୬ ଦୁଇପଇସା ମାତ୍ର



ଗୃହସ୍ଥ ଭାରିଯା କଳି ।

(ନଟ ଭୈରବୀ ବୃତ୍ତେ)

—o—

ଶୁଣ ସୁଜ୍ଞଜନର ଭିତର ଘରର ଗୃହସ୍ଥ ଭାରିଯା କଳି ॥
ବର୍ତ୍ତମାନ ଯୁଗ ରୀତି ଅନୁସାରେ ପଦ ମୁଁ ଲେଖୁଛି ଭଳି ହେ ॥
ମୋର ନ ଘେନ ଦୋଷ । ଏହୁ କଳିପୁରାଣ ରହସ୍ୟ ହେ ॥ ୧ ॥
ବେଣୀରାମପୁରେ ଅଛି ତାଙ୍କ ଘର ବେନ ଗୃହସ୍ଥ ଭାରିଯା ॥
ନାମ ତାହାଙ୍କର କହେ ପରଶୁର ଉପୁଜିବ ଲୋକଲଜ୍ଜା ହେ ।
ତେଣୁ ଗୁପତ କରିବ । ଗୀତ ଲେଖିଅଛୁ ବୁଝ ଏବେ ହେ ॥ ୨ ॥
ଏକ ଦିବସରେ ସ୍ୱାମୀ କ୍ରୋଧଭରେ ଭାରିଯାକୁ କହେ ବାଣୀ ॥
ଏତେବେଳ ହେଲା ପେଟପାଇ ନ ହେଲା କିସ କରୁଛୁ ମାଇଢ଼ିଣୀ ଲୋ
ଜଳଜଳା ନ ମଲୁ । ଉଭ କୁଳକୁ କଳଙ୍କ ହେଲୁ ଲୋ ॥ ୩ ॥
ଭାରିଯା କହଇ ଗୃହସ୍ଥକୁ ଗୁହଁ ମୁଖେ ନାହିଁ ତୋର ଲାଜ ॥
ଅକାରଣେ ବାଇ ପରକାର ହୋଇ ବଚନ କହୁ ନିର୍ଲଜ୍ଜରେ ॥
କେତେ ରଖିଛୁ ଘରେ । ବାନ୍ଧ ଅଜାଡ଼ିଥାନ୍ତି ମୁହଁରେ ହେ ॥ ୪ ॥
ଏ ବଚନ ଶୁଣି କୋପେ ସ୍ୱାମୀ ଭଣି ଶୁଣଲୋ ଛତରୀ ଝିଅ ॥
ମୋର କଥାରେ ତୁ ଜବାବ ଦେଇଣ କପାଳ ଜଳାଉଛୁ ଦେହ ଲୋ ।
ଥିଲେ ଅପରଛନ୍ନା ! କାଳୀ କୋତରୀ ଅଟୁ ଡାକେଣୀ ଲୋ ॥ ୫ ॥
ଭାରିଯା କହଇ ଅରେ ପୋଡ଼ା ମୁହାଁ ବର୍ଣ୍ଣ ବୁଢ଼ା ଡାହୁକ ॥
କାହିଁରୁ କହୁଛୁ ତୋ ଠିକଣା ନ ଥାଇ କଥା କହୁ କର ଠେକ ରେ ॥
ଅବେ କଳା ଭୁଷୁଣ୍ଡା । ଦେଖ ଗୋଡ଼ ତୋ ଶଗଡ଼ଦଣ୍ଡା ରେ ॥ ୬ ॥
ଖଣ୍ଡାଖାଇ ମଣ୍ଡାଗିଳୀ ଦଣ୍ଡାଶେଇ ଫାଟିଠାଇ କାଣୀ ଗୋଦରୀ ॥

ତେଣେଇ ଗୋଡ଼ୀ ଦାନ୍ତୁଣି ଲୋ ନ ମର ରହିଛୁ ତୁ ଦେହ ଧରି ଲୋ
ଅହା କେତେ ସୁନ୍ଦରୀ । ତୁପେ ମୋହୁଅଛୁ ମର୍ତ୍ୟପୁରୀ ଲୋ ॥ ୭ ॥
ଅରେ ପାପଙ୍ଗିଅ ଚେପଟା ନାକିଅ ଟେଙ୍ଗ୍ରି କୁଜା ଥେଟ କାଲ ॥
ଲମ୍ବମୁହାଁ କୋଡ଼ି କେତେ କହୁ ବଡ଼ି ଅଟୁ ତୁ ଜଡ଼ାନ୍ତ ସଲ ରେ ॥
ଝଣ୍ଡ୍ରୀଗଣିଅ ସଡ଼ । ବୁଢ଼ା ସଙ୍ଗର ଘୁଷୁରି ଓଡ଼ ରେ ॥ ୮ ॥
ଅଲୋ ବକାରୁଣୀ ବୁଲା ବାଉରଣୀ ଅଲକ୍ଷଣୀ ଲମ୍ପଟେଣା ॥ ;
ଛତରୀ କୋତରୀ ଦାନ୍ତୁରୀ ମୁତୁରୀ ନିର୍ଲଜ୍ଜା କଳି ପ୍ରବୀଣ ଲୋ ॥
କେତେ କରୁ ଗୁମର । ଅଜ ଖାଇବୁ ଠେଙ୍ଗା ପାହାର ଲୋ ॥ ୯ ॥
ଅରେ କୁଜଟେଣ୍ଡ୍ରା କେତେ କହୁ ହୁଣ୍ଡ୍ରା ମୋର କଥା ଶୁଣ ଅଜ ॥
ତୋର ଘରକୁ ମୁଁ ଅସିଘ ଦିନରୁ ଦିନେ ହୋଇ ନାହିଁ ସଙ୍ଗ ରେ
ତେଲ ହଳଦୀ ନାହିଁ । ଦିନେ ନୂଆ ଶାଢ଼ି ପିନ୍ଧି ନାହିଁ ରେ । ୧୦ ॥
ଅଲୋ କଅଁଳି ସାହସୀ ମଡ଼ଛୀ ମୋ ଅଗେ କହୁଛୁ କେତେ ॥
ତୋ ଘରି ବାପକୁ ଦଶଟଙ୍କା ଦେଇ କିଣି ଅଣିଅଛୁ ତେତେ ଲୋ ॥
ଟାହା ଗଲୁ ପାଶୋର । କଥା କହୁଛୁ କର ଗୁମର ଲୋ ॥
ଅରେ ବଡଖିଅ ଅପୁଅ ଠାପୁଅ ଅଲପୁଅ ଦୁରଗୁର ॥
ଅଟୁ ଢିଙ୍କାଢଅ କଜଳ ପାତଅ ଅପୁର ପ୍ରକୃତି ତୋର ରେ ॥
ବଣ ମନ୍ତ୍ର ଓଳୁ । ପେଟଟଣା ବେଗରେ ନ ମଲୁ ରେ ॥ ୧୨ ॥
ଅଲୋ ହେଡ଼ାଖାଇ ବଇଁଶ ବୁଡ଼ାଇ ଘାଟଭାଇ ଗଲେ ମରୁ ॥
ବାପଭାଇ କଳ ସମସ୍ତେ ନର୍ମଳ ବସିଛୁ ସଙ୍କଳ ପର ଲୋ ॥
ତୁ ଯେ ପାତଭଜଣୀ । ଅଟୁ ବଇଁଶ ଖାଇ ଡ଼ାକେଣୀ ଲୋ ॥ ୧୩
ବଳଦ ଅଖିଅ ଗୁର ନଶାଖିଅ ଅରେ ଲଙ୍କା ପୋଡ଼ା ହନୁ ॥
ଜାବ ଥିବାଯାଏ ପାଶୋର ଦିବକି ତୋର ଗୁଣମାନ ମନୁ ରେ ॥
ହୀନବୁଦ୍ଧି ଅଖିତ । ପେଟ ପୂରେଇ ନ ଦେଉ ଭାତ ରେ ॥ ୧୪ ॥
ଅଲୋ ପାମେର ଛତର ମେଛେଇ ଅଘଟ ଘଟାଇ ବାଳୀ ॥
ଧଙ୍ଗାଖାଇ କଅଁଳି ସାହାସୀ ମୋ ସଙ୍ଗେ କରୁଛୁ କଳି ଲୋ ॥

ଥକି ଦେବା ପାହାର । କେଉଁ ବାପ ପଡିବ ପିଠିର ଲୋ ॥ ୧୫ ॥
ଅରେ ନିଅଂଘୋଅ ମହୁଆ ଅଧୁଆମୁହାଁ । ପରଘର ବୁଡା
ବୃଦ୍ଧ ଅଲପୁଅ ନଅଗିଳା ବୁଟାନଘଟ ଗୁନ୍ଦଅଢ଼ା ରେ ॥
ତୋର ହାତକୁ ଧର ॥ ମୁହିଁ ସ୍ତ୍ରୀସିକୁନେ ହତଘୋଷା ॥ ୧୬ ॥
ଅଲୋ ହାଣ୍ଡିଖାଇ ନପଟ କଳଘି ଛୁଞ୍ଚମୁହିଁ ଅନ୍ୟାସୃଷ ॥
ଦାଣ୍ଡସି ଛତସି ବଜାରୁଣୀ ସ୍ତ୍ରୀସ୍ୱ କେତେ କରୁଛୁ ଗୁରୁଷ ଲୋ ॥
ଗଲୁ କରୁଛୁ ପିଠି । ସାବ କରଦେବ ଅଙ୍କ ପିଠି ଲୋ ॥ ୧୭ ॥
ଅରେ ଓଠମୁହାଁ ବଳଦ ଅଖିଆ କେତେ କରୁଛୁ ଗୃତର ॥
ମୁଖେ ଲାଜ ନାହିଁ ତୋର ବାପଭାଇ ଖାଉଅଛନ୍ତି ଛତର ରେ ।
ଦାଣ୍ଡେ ଦାଣ୍ଡେ ବୁଲନ୍ତି । ଭିକ୍ଷାମାଗି ଧନ କାଟୁଛନ୍ତି ରେ ॥ ୧୮ ॥
ଅଲୋ ଲୋ ମନ୍ଦୁଡ଼ ଅଟୁ କଳହୁଡ ମୋ ସଙ୍ଗେ ଲଗାଉ ଗୁହ ॥
ଦୁଇଗାଲେ ତୋର ଚଟକଣା ଦେବ ବୁଲୁଥିବୁ ଯାଇ ସାଇ ଲୋ ।
ନାକ କାନ କାଟିବା । ପୁଣି ମୁଣ୍ଡ ଲଣ୍ଡି କରାଇବ ଲୋ ॥ ୧୯ ॥
ଅରେ ଘଇଜଳା ସବାଖିଆ କେଳା ଚନ୍ଦ୍ରବାଢ଼ରେ ନ ମଲୁ ॥
ଖୋଳ ସମରଥ ହୋଇ ଘରର ବସି ପଇଯାଏ ନ ଅର୍ଜିଲୁ ରେ ॥
ଫୁଲଫାଙ୍କାରେ ଧନ । ସତେ ଯିବକି ଭୁଟୁଛୁ ମନରେ ॥ ୨୦ ॥
ଅଲୋ ପେଗୁ ନାକି ଠାଟପୋଇ ଡାହୁକୀ ବାହାଡାଦାନ୍ତ ରନ୍ଧାଇ
ଛତଣି କୁହୁରୀ ଅଟୁ ଅନ୍ୟାଗୁରୀ କାଳୁଣୀ କନ୍ଧ ବାଡୋଇ ଲୋ ॥
ହାଣ୍ଡିଖାଇ ଗୈରଣୀ । କୁଳକଳଙ୍କିନୀ ଅଲକ୍ଷଣୀ ବୃଦ୍ଧ ॥ ୨୧ ॥
ଅରେ ବଣବୁଲା ହୁଷଣ୍ଡିଆ ଓଳା ବଉଦ ସଇଜ କନ୍ଧ ॥
ଅଇଁଠାଖିଆ ଟୋକମ ରେ ମିନୁଆ ଅଖି ଥାଉ ଥାଉ ଅନ୍ଧ ରେ ॥
ପୋଡା ମୁହାଁ ବାନ୍ଦର । ବୃଥା କାଢ଼ୁଛୁ କଳ ହୁନ୍ଦର ରେ ॥ ୨୨ ॥
ଅଲୋ ଡାଡ଼କୀ ବଘାପୁଣୀ କହୁଣୀ ମାଡ଼ରେ ଭାଙ୍ଗିବ ପିଠି ॥
ଚୁଟି ଓହଲାଇ ଦୁଲୁ ଦୁଲୁ କର ଚୋଟାଟି କପାଡ ଦେବ କୁଟି ଲୋ ॥
ଭାଙ୍ଗି ଦେବ ତୋ ହାଡ । ଉଠିବାକୁ ନ ଥିବ ତୋ କାଢ଼ ଲୋ ॥ ୨୩

ଅକ୍ଷୟଭଣ୍ଡାର ।



ନିମ୍ନଲିଖିତ ଯାବତୀୟ ପୁସ୍ତକମାନ ନିମ୍ନଲିଖିତ ମୂଲ୍ୟରେ ବିକ୍ରୟ ନିମିତ୍ତ ପ୍ରସ୍ତୁତ ଅଛି । ଅର୍ଡର ଦେଲେ ଭି: ପି: ରେ ପଠାଯିବ ।

ପ୍ରଥମସ୍କନ୍ଧ	ଟ ୦ ।	ଅଶ୍ୱମେଧପର୍ବ	ଟ ୦ ✓
ଦ୍ୱିତୀୟସ୍କନ୍ଧ	ଟ ୦ ୷	ଅନଧଳିଡଗ	ଟ ୦ /୬
ତୃତୀୟସ୍କନ୍ଧ	ଟ ୦ ।୵	ଆରଣ୍ୟପର୍ବ	ଟ ୦ /
ଚତୁର୍ଥସ୍କନ୍ଧ	ଟ ୦ ୵	ଗଟଃପାଶା	ଟ ୦ /୬
ପଞ୍ଚମସ୍କନ୍ଧ	ଟ ୦ ।	ଅପରୂପଭ	ଟ ୦ ୳
ଷଷ୍ଠସ୍କନ୍ଧ	ଟ ୦ ।	ଗୀତଗୋବିନ୍ଦ	ଟ ୦ [illegible]
ସପ୍ତମସ୍କନ୍ଧ	ଟ ୦ ।୵	ହୃଲଭରୀ	ଟ ୦ ୷
ଅଷ୍ଟମସ୍କନ୍ଧ	ଟ ୦ ।୵	ବିଲଙ୍କାରାମାୟଣ	ଟ ୦ ୵
ନବମସ୍କନ୍ଧ	ଟ ୦ ।୵	ଚଉତିଶଶ୍ରୀମତୀ	ଟ ୧ [illegible]
ଦଶମସ୍କନ୍ଧ(ଗୋଟା)	ଟ ୦ ୳	ଭୂତକେଳି	ଟ ୦ ୵
ଦଶମସ୍କନ୍ଧ (ଦ୍ୱାରକା)	ଟ ୦ ୵	ଭ୍ରମରବରଯାଲ	ଟ ୦ ୵
ଏକାଦଶସ୍କନ୍ଧ	ଟ ୦ ।	ବିଚିତ୍ରରାମାୟଣ	ଟ ୧ (
ଦ୍ୱାଦଶସ୍କନ୍ଧ	ଟ ୦ ।୵	ମାର୍କଣ୍ଡେୟ ପୁରାଣ	ଟ ୧ (
ତ୍ରୟୋଦଶସ୍କନ୍ଧ	ଟ ୦ ୷	ମଥୁରାମଙ୍ଗଳ	ଟ ୦ [illegible]
ଦୂତଭାରତ	ଟ ୦ ।୵	ଲାବଣ୍ୟବତୀ	ଟ ୧ [illegible]
ସଙ୍ଗୀତତରଙ୍ଗିଣୀ	ଟ ୦ ।୵	ବୃନ୍ଦାବତୀ ଚମ୍ପୁ	ଟ ୦ /
ଅଙ୍ଗଦପଦ	ଟ ୦ ୵	ଦର୍ଶିତ ମହିମା	ଟ ୦ ୵
ଅଳଙ୍କାରବିବେକ	ଟ ୦ /	ରସିକ ହେଲେ ବେହୁରା (ମେଘ...	

ଅକ୍ଷୟଭଣ୍ଡାର ବାଙ୍କାବଜାର କଟକ ।	ଅକ୍ଷୟକୁମାର ଘୋଷ । ପ୍ରୋପ୍ରାଇଟର,